ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/FSCW (OD))/877/16-12-2020**

# ଫେସ୍‌ବୁକ୍ ଓ ଟ୍ୱିଟର ଜରିଆରେ
# ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଲାଇଭ୍ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ

ଭୁବନେଶ୍ୱର, ତା.୧୬/୧୨/୨୦୨୦

ଚଳିତ ଖରିଫ୍ ଧାନ ସଂଗ୍ରହକୁ ଅଧିକ ସୁବ୍ୟବସ୍ଥିତ କରିବା ଦିଗରେ ଏବଂ ଚାଷୀମାନେ ଯଦି କିଛି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେ ସଂପର୍କରେ ସିଧାସଳଖ ଅବଗତ ହେବା ଓ ଚାଷୀମାନଙ୍କର ପ୍ରଶ୍ନର ଉତ୍ତର ଫେସ୍‌ବୁକ୍ ଓ ଟ୍ୱିଟର ମାଧ୍ୟମରେ ଦେବା ନିମନ୍ତେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଖରିଫ୍ ଧାନ ସଂଗ୍ରହ ବାବଦରେ କୌଣସି ସମସ୍ୟା ଉପୁଜୁଛି ତେବେ ଚାଷୀମାନେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଫେସ୍‌ବୁକ୍ କିମ୍ବା ଟ୍ୱିଟର ପୃଷ୍ଠାରେ ପ୍ରଶ୍ନ ପଚାରି ତା'ର ଉତ୍ତର ପାଇପାରିବେ । ମନ୍ତ୍ରୀ ଶ୍ରୀ ସ୍ୱାଇଁ ଡିସେମ୍ବର ୨୨ ତାରିଖ ଅପରାହ୍ଣ ୩ଟାରୁ ୪ଟା ମଧ୍ୟରେ ଫେସ୍‌ବୁକ୍ ଓ ଟ୍ୱିଟର ଜରିଆରେ ପଚାରିଥିବା ପ୍ରଶ୍ନର ସିଧାସଳଖ ଲାଇଭ୍ ମାଧ୍ୟମରେ ଉତ୍ତର ପ୍ରଦାନ କରିବେ ।

ଚଳିତ ଡିସେମ୍ବର ୧୯ ତାରିଖ ସୁଦ୍ଧା ଚାଷୀ/ପ୍ୟାକ୍ସ/ଲ୍ୟାମ୍ପସ/ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଏଥିରେ ସଂପୃକ୍ତ ସଂସ୍ଥାଗୁଡ଼ିକ ଧାନ ସଂଗ୍ରହ ସଂପର୍କରେ ସେମାନଙ୍କ ପ୍ରଶ୍ନ ମନ୍ତ୍ରୀଙ୍କୁ ପଚାରିପାରିବେ । ମନ୍ତ୍ରୀଙ୍କ ଟ୍ୱିଟର #AskOdishaFoodMinister ଏବଂ ଫେସ୍‌ବୁକ୍ ପେଜ୍ https://www.facebook.com/Ranedra Pratap Swain ବ୍ୟବହାର କରି ଏହି ପ୍ରଶ୍ନ ପଚାରିପାରିବେ । ମନ୍ତ୍ରୀଙ୍କ ପ୍ରଶ୍ନୋତ୍ତର ଅଧିବେଶନ ଡିସେମ୍ବର ୨୨ ତାରିଖ ଅପରାହ୍ଣ ୩ଟାରେ ଫେସ୍‌ବୁକ୍ ଓ ୟୁଟ୍ୟୁବ୍‌ରେ ସିଧା ପ୍ରସାରଣ ହେବ । ଜନସାଧାରଣ ୟୁଟ୍ୟୁବ୍ ଲିଙ୍କ (http://www.youtube.com/c/rajaswain)ଜରିଆରେ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିପାରିବେ ।

ଚଳିତ ଖରିଫ୍ ଋତୁର ଧାନ ସଂଗ୍ରହ କାର୍ଯ୍ୟ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ସାରା ରାଜ୍ୟରେ ଆରମ୍ଭ ହୋଇଥିବାବେଳେ ଚାଷୀ ଏବଂ ଏଥିରେ ସଂପୃକ୍ତ ଅନ୍ୟାନ୍ୟ ସଂସ୍ଥାମାନେ ଧାନସଂଗ୍ରହ ବାବଦରେ ସଂପର୍କରେ ସମ୍ମୁଖୀନ ହେଉଥିବା ସମସ୍ୟାର ସିଧାସଳଖ ସମାଧାନ ପାଇଁ ଏପରି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଧାନସଂଗ୍ରହ କାର୍ଯ୍ୟକୁ ଅଧିକ ପାରଦର୍ଶୀ ଓ ସ୍ୱଚ୍ଛ କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରବର୍ତ୍ତିତ 'ମୋ ସରକାର' ଓ ୫-'ଟି' ଆଧାରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ସୂଚନାଯୋଗ୍ୟ ଯେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିୟମିତ ତାଙ୍କର ଫେସ୍‌ବୁକ୍ ଏବଂ ଟ୍ୱିଟର ଜରିଆରେ ବିଭିନ୍ନ ଅଞ୍ଚଳର ଚାଷୀ ଓ ଖାଉଟିମାନଙ୍କ ସମସ୍ୟା ସଂପର୍କରେ ଅବଗତ ହେବା ସହିତ ଏହାର ଆଶୁ ସମାଧାନ ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ।

ଏହି ପ୍ରଶ୍ନୋତ୍ତର ଅଧିବେଶନରେ ଚାଷୀଭାଇମାନେ ଯୋଗଦାନ କରି ଚଳିତ ଖରିଫ ଧାନକିଣା ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ପାଇବା ନିମନ୍ତେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଅନୁରୋଧ କରିଛନ୍ତି ।

ତାପସ ସାହା
ସୂଚନା ଅଧିକାରୀ